ଭାରତୀୟ ଜନତା ପାର୍ଟି, ଓଡିଶା

# ବିଜେପିର ଜନପରାମର୍ଶ ପଦଯାତ୍ରାରେ ସାମିଲ ହେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ : ବିଜେପି

- ୨ ଦିନ ଧରି ଜନପରାମର୍ଶ ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାମିଲ ହୋଇ ନୂଆ ଓଡିଶା ଗଠନ ପାଇଁ ଜନସାଧାରଣଙ୍କ ପରାମର୍ଶ ଲୋଡିବେ
- ଆସନ୍ତାକାଲି ଶୁକ୍ରବାର ଦିନ ଦିବା ୧୦ ଘଟିକା ସମୟରେ ଶ୍ରୀ ପ୍ରଧାନ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁରଡା ଗ୍ରାମପଂଚାୟତର ଝାଗଡେଶ୍ୱର ମନ୍ଦିର ଛକ ଠାରୁ ହେଲିପ୍ୟାଡ ପଡିଆ ଥାନା ଛକ ପର୍ଯ୍ୟନ୍ତ ପଦଯାତ୍ରା କରିବେ
- ଶୁକ୍ରବାର ଦିବା ୧୨ ଘଟିକା ସମୟରେ ଶ୍ରୀ ପ୍ରଧାନ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକର ନୁହୁନି ଗ୍ରାମପଂଚାୟତ ପାଟୁଲି ଗାଁରୁ ଓଲାବର କଲେଜ ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରିବେ
- ଶନିବାର ଦିନ ଦିବା ୧୦ ଘଟିକା ସମୟରେ ଶ୍ରୀ ପ୍ରଧାନ, ବରଗଡ ଜିଲ୍ଲା ପଦମପୁର ନିର୍ବାଚନମଣ୍ଡଳୀର ସତୀଭାଡ ଛକ ଠାରୁ ବଡପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରିବେ
- ଶନିବାର ଅପରାହ୍ନ ୧ ଘଟିକା ସମୟରେ ଗଂଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭିସ୍ମଗିରି ଗ୍ରାମ ପଂଚାୟତ ଠାକୁରାଣୀ ଛକ ଠାରୁ ସମଲିଆ ଯାତ୍ରା ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରିବେ

**ଭୁବନେଶ୍ୱର, ତା.୧୩/୧୨ :** ରାଜ୍ୟରେ ୩୭,୬୦୬ବୁଥ୍, ୫୧ ହଜାର ଗାଁ ଏବଂ ୧୦୦୨ ମଣ୍ଡଳରେ ବିଜେପିର ଜନପରାମର୍ଶ ପଦଯାତ୍ରା ଚାଲିଛି । ଏହି ଅବସରରେ ଆସନ୍ତାକାଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପଦଯାତ୍ରାରେ ସାମିଲ ହୋଇ ଆଗାମୀ ଦିନରେ କିଭଳି ରାଜ୍ୟରେ ବିକାଶ ହେବା ସହ ସୁଶାସନ ଫେରିବ ସେଥିପାଇଁ ସାଧାରଣ ଜନତାଙ୍କଠାରୁ ପରାମର୍ଶ ଲୋଡିବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

ଆସନ୍ତାକାଲି ୧୪ ଡିସେମ୍ବର, ଶୁକ୍ରବାର ଦିନ ଦିବା ୧୦ ଘଟିକା ସମୟରେ ଶ୍ରୀ ପ୍ରଧାନ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଦେହୁରଡା ଗ୍ରାମପଂଚାୟତର ଝାଗଡେଶ୍ୱର ମନ୍ଦିର ଛକ ଠାରୁ ହେଲିପ୍ୟାଡ ପଡିଆ ଥାନା ଛକ ପର୍ଯ୍ୟନ୍ତ ପଦଯାତ୍ରା କରି ସେଠାରେ ଏକ ସାଧାରଣ ସଭାରେ ଯୋଗଦେବେ । ପରେ ଦିବା ୧୨ ଘଟିକା ସମୟରେ ଶ୍ରୀ ପ୍ରଧାନ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକର ନୁହୁନି ଗ୍ରାମପଂଚାୟତ ପାଟୁଲି ଗାଁରୁ ଓଲାବର କଲେଜ ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରିବେ । ପରେ ଶ୍ରୀ ପ୍ରଧାନ, ଏକ ସାଧାରଣ ସଭା ମାଧ୍ୟମରେ ଜନତାଙ୍କ ଠାରୁ ପରାମର୍ଶ ଲୋଡିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ସେହିପରି ୧୫ ଡିସେମ୍ବର, ଶନିବାର ଦିନ ଦିବା ୧୦ ଘଟିକା ସମୟରେ ଶ୍ରୀ ପ୍ରଧାନ, ବରଗଡ ଜିଲ୍ଲା ପଦମପୁର ନିର୍ବାଚନମଣ୍ଡଳୀର ସତୀଭାଡ ଛକ ଠାରୁ ବଡପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରି ରାଜବୋରସମ୍ବର ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ । ପରେ ଅପରାହ୍ନ ୧ ଘଟିକା ସମୟରେ ଶ୍ରୀ ପ୍ରଧାନ, ଗଂଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭିସ୍ମଗିରି ଗ୍ରାମ ପଂଚାୟତ ଠାକୁରାଣୀ ଛକ ଠାରୁ ସମଲିଆ ଯାତ୍ରା ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରି ସାଧାରଣ ସଭାରେ ଯୋଗଦେଇ ନୂଆ ଓଡିଶା ଗଠନ ପାଇଁ ପରାମର୍ଶ ଲୋଡିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ଦୀର୍ଘ ୧୯ ବର୍ଷ ଧରି ରାଜ୍ୟରେ ପିସି ସରକାର ଚାଲିଛି । ଶାସକ ବିଜେଡିର ନେତାମାନେ ଦୁର୍ନୀତି ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି । ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାଁନ୍ତି । ସାଧାରଣ ଲୋକ ଶୋଷଣର ଶିକାର ହେଉଛନ୍ତି । ଚାଷ ସମସ୍ୟା ପାଇଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ଓଡିଶାର ଅନେକ ସମ୍ଭାବନା ଥିବା ସତ୍ୱେ ରାଜ୍ୟରେ ବିକାଶ ହେଉନାହିଁ । ରାଜ୍ୟସରକାରଙ୍କ ନୀତିକୁ ବିରୋଧ କରିବା ସହ ଏହି ଜନପରାମର୍ଶ ପଦଯାତ୍ରା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଂଚାଇବା ସହ ଦୀର୍ଘ ୧୯ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ବିଜେଡି ସରକାରର ଅପାରଗତା ସଂପର୍କରେ ଲୋକମାନଙ୍କୁ ଅବଗତ କରାଯାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**